# ଆଇନଗତ ପ୍ରତିନିଧିମାନଙ୍କ ମାଧ୍ୟମରେ ଅବଦୁଲ କାଦିର (ମୃତ)

## ବନାମ

## ଆଇନଗତ ପ୍ରତିନିଧିମାନଙ୍କ ମାଧ୍ୟମରେ ମାଇମୁନା ଖାତୁନ୍ (ମୃତ) ଏବଂ ଅନ୍ୟମାନେ

## ଫେବୃଆରୀ 14, 1996

## [କେ. ରାମାସ୍ୱାମୀ ଏବଂ ଏସ୍. ସାଘିର ଅହମ୍ମଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ବାସ୍ତୁହରା ସମ୍ପତ୍ତିର ଅଭିରକ୍ଷକ ଅଧିନିୟମ, 1950/ୟୁ.ପି. ଜମିଦାରୀ ଉଚ୍ଛେଦ ଏବଂ ଭୂସଂସ୍କାର ଅଧିନିୟମ:*

*ଧାରା 7/240-J - ସମ୍ପତ୍ତିଟି ବାସ୍ତୁହରା ସମ୍ପତ୍ତି ଭାବେ ଘୋଷଣା ହୋଇଥିଲା - ଏହା ପରେ ଅପିଲକାରୀଙ୍କ ଦ୍ୱାରା ତାହାକୁ କ୍ରୟ କରାଯାଇଥିଲା - ଚକବନ୍ଦୀ ପ୍ରକ୍ରିୟା - ଅପିଲକାରୀ ପ୍ରତିକୂଳ ଦଖଲ ଆଧାରରେ ଗୋଟିଏ ଖାତାରେ ସିରଦାର ଏବଂ ଅନ୍ୟ ଏକ ଖାତାରେ ଭୂମିଦାର ଭାବେ ନିଜ ନାମ ନଥିଭୁକ୍ତ କରିବାକୁ ଦାବି କରିଥିଲେ - ଚକବନ୍ଦୀ ଅଧିକାରୀ ଏବଂ ବନ୍ଦୋବସ୍ତ ଅଧିକାରୀ ଏହି ଦାବିକୁ ସମର୍ଥନ କରିଥିଲେ - ଉପ-ନିର୍ଦ୍ଦେଶକ ଏହି ନିଷ୍ପତ୍ତିକୁ ବଦଳାଇ ଦେଇ କହିଲେ ଯେ, ଅପିଲକାରୀ ପ୍ରତିକୂଳ ଦଖଲରେ ନଥିଲେ- ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ମଧ୍ୟ ଉପ-ନିର୍ଦ୍ଦେଶକଙ୍କ ମତକୁ ସମର୍ଥନ କରି ରାୟ ଦେଇଥିଲେ ଯେ, ଯେହେତୁ ୟୁ.ପି. ଜମିଦାରୀ ଉଚ୍ଛେଦ ଅଧିନିୟମ ଅଧୀନରେ ଚାଲିଥିବା ପ୍ରକ୍ରିୟାରେ ଉତ୍ତରଦାତାଙ୍କୁ ପକ୍ଷଭୁକ୍ତ କରାଯାଇ ନଥିଲା, ତେଣୁ ସେହି ନିଷ୍ପତ୍ତି ତାଙ୍କ ଉପରେ ବାଧ୍ୟତାମୂଳକ ନଥିଲା ଏବଂ ସେ ଚକବନ୍ଦୀର ସମସ୍ତ ସୁବିଧା ପାଇବାକୁ ହକଦାର ଥିଲେ - ଅପିଲ ପରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ନିର୍ଣ୍ଣୟ ନେଇଥିଲେ ଯେ: ପ୍ରତିକୂଳ ଦଖଲ ସମ୍ପର୍କିତ ନିଷ୍ପତ୍ତିଟି ଏକ ତଥ୍ୟଗତ ସିଦ୍ଧାନ୍ତ ଅଟେ, ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ମଧ୍ୟ ସମର୍ଥନ କରିଥିଲେ, ତେଣୁ ଏଥିରେ ହସ୍ତକ୍ଷେପ କରାଯାଇପାରିବ ନାହିଁ - କ୍ଷତିପୂରଣ ବିବରଣୀ ଯାହା ସ୍ୱାକ୍ଷରିତ ଓ ମୋହରମରା ହୋଇଛି, ତାହା କେବଳ ଜମି-ମାଲିକ ଏବଂ ରାଜ୍ୟ ମଧ୍ୟରେ ଚୂଡ଼ାନ୍ତ ଅଟେ - ଯଦି କୌଣସି ଅଧିବାସୀ ସେହି ପ୍ରକ୍ରିୟାରେ*

*ପକ୍ଷଭୁକ୍ତ ନଥାନ୍ତି, ତେବେ କୌଣସି ବି ସିଦ୍ଧାନ୍ତ ଅଧିବାସୀଙ୍କ ଉପରେ ବାଧ୍ୟତାମୂଳକ ହେବ ନାହିଁ।*

*ଅବଧେଶ ସିଂହ ବନାମ ବିକ୍ରମ ଅହିର,* **AIR (1975) ଆହ୍ଲାବାଦ 324, ମାମଲାଟି ବର୍ତ୍ତମାନର ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ନିର୍ଣ୍ଣୟ କରାଗଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 547-548/1976 ।

ଏସ୍.ଏ. ସଂଖ୍ୟା 1038/1969 ଏବଂ 1205/1969 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 30.7.73 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଭି.ଜେ. ଫ୍ରାନ୍ସିସ୍ ।

ଉତ୍ତରଦାତାମାନଙ୍କ ତରଫରୁ ଶ୍ରୀମତୀ ରାଣୀ ଛାବ୍ରା, (ଏନ୍.ପି.) ଏବଂ ସୁଶ୍ରୀ ରଚନା ଗୁପ୍ତା ଏବଂ ଆଇ.ପି. ସିଂହ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ତିନି ଦଶନ୍ଧି ଧରି ଚାଲିଥିବା ଏହି ମକଦ୍ଦମାର ଜଟିଳ ଇତିହାସ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । 21 ମେ, 1956 ରେ ଶ୍ରୀମତୀ ଶାହିଦା ଖାତୁନଙ୍କର ଏକ ତୃତୀୟାଂଶ ଅଂଶ ସମ୍ପତ୍ତିକୁ ବାସ୍ତୁହରା ସମ୍ପତ୍ତି ଭାବେ ଘୋଷଣା କରାଯାଇଥିଲା । ବାସ୍ତୁହରା ସମ୍ପତ୍ତିର ଅଭିରକ୍ଷକ ଅଧିନିୟମ, 1950 ଅଧୀନରେ ଆରମ୍ଭ ହୋଇଥିବା ପ୍ରକ୍ରିୟାରେ ଧାରା 7 ଘୋଷଣା ଅନୁଯାୟୀ ଏହାକୁ ବାସ୍ତୁହରା ସମ୍ପତ୍ତି ଭାବେ ନଥିଭୁକ୍ତ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଅପିଲକାରୀ ଏହାକୁ କ୍ରୟ କରିଥିଲେ । ଚକବନ୍ଦୀ ଅଧିନିୟମ ଅଧୀନରେ ଚାଲିଥିବା ଚକବନ୍ଦୀ ପ୍ରକ୍ରିୟା ସମୟରେ ଉତ୍ତରଦାତାଙ୍କ ଦ୍ୱାରା ଆପତ୍ତି ଦାଖଲ କରାଯାଇଥିଲା । ଅପିଲକାରୀ ଦାବି କରିଥିଲେ ଯେ ସେ ପ୍ରତିକୂଳ ଦଖଲରେ ଥିଲେ, ତେଣୁ ସେ ଗୋଟିଏ ଖାତାରେ ସିରଦାର ଏବଂ

ଅନ୍ୟ ଏକ ଖାତାରେ ଭୂମିଦାର ଭାବେ ନାମ ନଥିଭୁକ୍ତ କରିବାକୁ ହକଦାର ଅଟନ୍ତି । ଅପିଲ ପରେ, ଯଦିଓ ଚକବନ୍ଦୀ ଅଧିକାରୀ ଏବଂ ବନ୍ଦୋବସ୍ତ ଅଧିକାରୀ ଏହି ଦାବିକୁ ସମର୍ଥନ କରିଥିଲେ, କିନ୍ତୁ ପୁନଃରୀକ୍ଷଣରେ ଉପ-ନିର୍ଦ୍ଦେଶକ ଏହି ନିଷ୍ପତ୍ତିକୁ ବଦଳାଇ ଦେଇ ବିଚାର କରିଥିଲେ ଯେ ଅପିଲକାରୀ ପ୍ରତିକୂଳ ଦଖଲରେ ନଥିଲେ । ସେହି ଆଦେଶ ନଭେମ୍ବର 18, 1965 ରେ ଦିଆଯାଇଥିଲା । ଉକ୍ତ ଆଦେଶ ଉପରେ ପ୍ରଶ୍ନ ଉଠାଇ ଅପିଲକାରୀ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । ଉତ୍ତରଦାତା ମଧ୍ୟ ଉପ-ନିର୍ଦ୍ଦେଶକଙ୍କ ଆଦେଶର ଏକ ଅଂଶ ବିରୁଦ୍ଧରେ ଅନ୍ୟ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ, ଯେଉଁଥିରେ ଖାତା ସଂଖ୍ୟା 90 ସମ୍ବନ୍ଧରେ ଏହା ବିଚାର କରାଯାଇଥିଲା ଯେ ସେ ନିଜକୁ ସିରଦାର ଭାବେ ଘୋଷଣା କରିବାକୁ ହକଦାର ନଥିଲେ । ଉଭୟ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦିଆଯାଇଥିଲା । ଯେତେବେଳେ ବିଶେଷ ଅପିଲ ଦାୟର କରାଯାଇଥିଲା, ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠ ଏକକ ବିଚାରପତିଙ୍କ ନିଷ୍ପତ୍ତିକୁ, ଯେଉଁଥିରେ ଅପିଲକାରୀ ପ୍ରତିକୂଳ ଦଖଲରେ ଥିବା କୁହାଯାଇଥିଲା, ଓଲଟାଇ ଦେଇଥିଲେ ଏବଂ ଉପ-ନିର୍ଦ୍ଦେଶକଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଅନୁଯାୟୀ ସେ ପ୍ରତିକୂଳ ଦଖଲରେ ନଥିଲେ ବୋଲି ସିଦ୍ଧାନ୍ତରେ ଉପନୀତ ହେଲେ । ଖାତା ସଂଖ୍ୟା 90 ର ମାଲିକାନା ସ୍ୱତ୍ତ୍ୱ ସମ୍ବନ୍ଧରେ ହୋଇଥିବା ସିଦ୍ଧାନ୍ତରେ ଏହା କୁହାଯାଇଥିଲା ଯେ, ଯେହେତୁ ଉତ୍ତରଦାତାଙ୍କୁ ୟୁ.ପି. ଜମିଦାରୀ ଉଚ୍ଛେଦ ଅଧିନିୟମ ଅଧୀନରେ ଚାଲିଥିବା ପ୍ରକ୍ରିୟାରେ ପକ୍ଷଭୁକ୍ତ କରାଯାଇ ନଥିଲା, ତେଣୁ ସେହି ବନ୍ଦୋବସ୍ତ ତାଙ୍କ ଉପରେ ବାଧ୍ୟତାମୂଳକ ନଥିଲା; ସେ ସିରଦାର ଭାବେ ଦଖଲରେ ଥିବାରୁ ଚକବନ୍ଦୀର ସମସ୍ତ ସୁବିଧା ପାଇବାକୁ ସେ ହକଦାର ଥିଲେ । ସୁତରାଂ, ବିଶେଷ ଅପିଲ ସଂଖ୍ୟା 1038/1969 ଇତ୍ୟାଦିରେ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ଜୁଲାଇ 30, 1974 ର ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲ କରାଯାଇଛି ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ଫ୍ରାନ୍ସିସ୍ ଯୁକ୍ତି କରିଥିଲେ ଯେ, ବାସ୍ତୁହରା ସମ୍ପତ୍ତିର ଅଭିରକ୍ଷକଙ୍କ ସହକାରୀ ନିର୍ଦ୍ଦେଶକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରକ୍ରିୟା ଏବଂ ସେମାନଙ୍କ ଦ୍ୱାରା ହୋଇଥିବା ବିକ୍ରୟକୁ ଦୃଷ୍ଟିରେ ରଖି, ଅପିଲକାରୀ ପ୍ରତିକୂଳ ଦଖଲରେ ନଥିଲେ ବୋଲି ଉଚ୍ଚ ନ୍ୟାୟାଳୟ ଏବଂ ଉପ-ନିର୍ଦ୍ଦେଶକ ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ସଠିକ୍ ନଥିଲା । ଅପିଲକାରୀ ପ୍ରତିକୂଳ ଦଖଲରେ ଅଛନ୍ତି କି ନାହିଁ, ତାହା ହେଉଛି ଉପ-ନିର୍ଦ୍ଦେଶକଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଏବଂ ଖଣ୍ଡପୀଠଙ୍କ ଦ୍ୱାରା ସମର୍ଥିତ ଏକ ତଥ୍ୟଗତ ସିଦ୍ଧାନ୍ତ । ସେହି ପରିସ୍ଥିତିରେ, ଆମେ ଏହି ଅପିଲରେ ପ୍ରଥମ ଥର ପାଇଁ ସେହି ପ୍ରଶ୍ନର ବିଚାର କରିପାରିବୁ ନାହିଁ । 1 ବିଘା 9 ବିଶ୍ୱା ସମ୍ପର୍କିତ ଖାତା ସଂଖ୍ୟା 218 ସମ୍ବନ୍ଧରେ କହିବାକୁ ଗଲେ, ଏହା ଏକ ତଥ୍ୟଗତ ନିଷ୍ପତ୍ତି ହୋଇଥିବାରୁ ଆମେ ଏଥିରେ ହସ୍ତକ୍ଷେପ କରିପାରିବୁ ନାହିଁ ।

ତାହା ପରେ ଏହା ଯୁକ୍ତି କରାଯାଇଛି ଯେ, *ଅବଧେଶ ସିଂହ ବନାମ ବିକ୍ରମ ଅହିର,* AIR (1975) ଆହ୍ଲାବାଦ 324 ମାମଲାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ଣ୍ଣ ନ୍ୟାୟପୀଠଙ୍କ ଦ୍ୱାରା ପ୍ରଦତ୍ତ ରାୟ ଅନୁଯାୟୀ, ଅପିଲକାରୀ ଦ୍ୱିତୀୟ ପ୍ରସଙ୍ଗରେ ପ୍ରତିକାର ପାଇବାକୁ ହକଦାର, ଯାହା ପୂର୍ଣ୍ଣ ନ୍ୟାୟପୀଠଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ପ୍ରଥମ ସିଦ୍ଧାନ୍ତ ଉପରେ ଆଧାରିତ । ଆମେ ଦେଖୁଛୁ ଯେ, ଏହି ଯୁକ୍ତି ସମ୍ପୂର୍ଣ୍ଣ ରୂପେ ଠିକ୍ ନୁହେଁ । ଏହାକୁ 5 ଜଣିଆ ନ୍ୟାୟମୂର୍ତ୍ତିଙ୍କ ବୃହତ୍ତର ନ୍ୟାୟପୀଠଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଦ୍ୱିତୀୟ ପ୍ରସଙ୍ଗର ସିଦ୍ଧାନ୍ତ ସହିତ ମିଶାଇ ପଢ଼ାଯିବା ଆବଶ୍ୟକ । ପୂର୍ଣ୍ଣ ନ୍ୟାୟପୀଠ ଏହିପରି ନଥିଭୁକ୍ତ କରିଥିଲେ:

> "ୟୁ.ପି. ଜମିଦାରୀ ଉଚ୍ଛେଦ ଏବଂ ଭୂ-ସଂସ୍କାର ଅଧିନିୟମର ଧାରା 240-J ଅଧୀନରେ କ୍ଷତିପୂରଣ ବିବରଣୀର ଚୂଡ଼ାନ୍ତତା ଜମି-ମାଲିକଙ୍କ ଅଧିକାର ଓ ସ୍ୱତ୍ୱକୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ କରିଦିଏ । ଜମି-ମାଲିକ ଅନ୍ୟ କୌଣସି ସମାନ୍ତରାଳ କିମ୍ବା ପୃଥକ ପ୍ରକ୍ରିୟାରେ ଏହା ଦର୍ଶାଇବାକୁ ବାରିତ ଅଟନ୍ତି ଯେ, ସେହି ଜମି ଜଣେ ଅଧିବାସୀଙ୍କ ଦଖଲରେ ନାହିଁ ।

କେବଳ ସେହି କ୍ଷେତ୍ରରେ ଏହା କରାଯାଇପାରିବ ଯେଉଁଠାରେ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ପାଳନ କରାଯାଇ ନାହିଁ କିମ୍ବା ଯେଉଁଠାରେ ନ୍ୟାୟିକ ପ୍ରକ୍ରିୟାର ମୌଳିକ ନୀତିଗୁଡ଼ିକୁ ଅବଜ୍ଞା କରି କ୍ଷତିପୂରଣ ବିବରଣୀ ପ୍ରସ୍ତୁତ କରାଯାଇଛି (*କାଟିକାରା ଚିନ୍ତାମଣି ଡୋରା ବନାମ ଗ୍ୱାଟ୍ରେଞ୍ଜୀ ଆନ୍ନାମନାଇଡୁ*, AIR 1974 SC 1069)। ଯଦି ଅଧିନିୟମର ଆବଶ୍ୟକତାଗୁଡ଼ିକ ପୂରଣ ହୋଇ ନାହିଁ କିମ୍ବା ନ୍ୟାୟିକ ପ୍ରକ୍ରିୟାର ମୌଳିକ ନୀତିଗୁଡ଼ିକୁ ଅବଜ୍ଞା କରାଯାଇଛି, ତେବେ ଅଧିନିୟମର ଧାରା 240-J (2) ଅଧୀନରେ କ୍ଷତିପୂରଣ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ଓ ମୋହରମରା ହୋଇଥିବା କ୍ଷତିପୂରଣ ବିବରଣୀକୁ ସମାନ୍ତରାଳ ପ୍ରକ୍ରିୟାରେ ଆପତ୍ତି କରାଯାଇପାରିବ ।

ଅଧିନିୟମର ଧାରା 240-J (2) ଅଧୀନରେ ସ୍ୱାକ୍ଷରିତ ଓ ମୋହରମରା ହୋଇଥିବା କ୍ଷତିପୂରଣ ବିବରଣୀ କେବଳ ଜମି-ମାଲିକ ଏବଂ ରାଜ୍ୟ ମଧ୍ୟରେ ଚୂଡ଼ାନ୍ତ ଅଟେ ।

ଯେଉଁ ଜମି-ମାଲିକଙ୍କ ବିରୁଦ୍ଧରେ କ୍ଷତିପୂରଣ ବିବରଣୀ ଚୂଡ଼ାନ୍ତ ହୋଇଯାଇଛି ଏବଂ ଯିଏ କ୍ଷତିପୂରଣ ରାଶି ଗ୍ରହଣ କରିସାରିଛନ୍ତି, ସମ୍ପୃକ୍ତ ଜମି ବିଷୟରେ ପୁନର୍ବାର ନିଜର ଅଧିକାର ଦାବି କରିବା ପାଇଁ ତାଙ୍କର କୌଣସି ଆଇନଗତ ସ୍ଥିତି ରହିବ ନାହିଁ" ।

ଯଦିଓ ପ୍ରଥମ ସିଦ୍ଧାନ୍ତ ଅନୁଯାୟୀ ଏହା ବିଚାର କରାଯାଇଥିଲା ଯେ ୟୁ.ପି. ଜମିଦାରୀ ଉଚ୍ଛେଦ ଏବଂ ଭୂ-ସଂସ୍କାର ଅଧିନିୟମର ଧାରା 240-J ଅଧୀନରେ କ୍ଷତିପୂରଣ ବିବରଣୀର ଚୂଡ଼ାନ୍ତତା ଜମି-ମାଲିକଙ୍କ ଅଧିକାର ଏବଂ ସ୍ୱତ୍ୱକୁ ସମାପ୍ତ କରିଦିଏ ଏବଂ ପରବର୍ତ୍ତୀ ସମୟରେ ଉଲ୍ଲେଖ କରାଯାଇଥିବା ବିଶେଷ ପରିସ୍ଥିତିକୁ ଛାଡ଼ି ଜମି-ମାଲିକ ଅନ୍ୟ କୌଣସି ସମାନ୍ତରାଳ କିମ୍ବା ପୃଥକ ପ୍ରକ୍ରିୟାରେ ଏହା ଦର୍ଶାଇବାକୁ ବାରିତ ଅଟନ୍ତି ଯେ, ଜମିଟି ଜଣେ ଅଧିବାସୀଙ୍କ ଦଖଲରେ ନାହିଁ । କିନ୍ତୁ ଦ୍ୱିତୀୟ

ପ୍ରସଙ୍ଗରେ ମିଳିଥିବା ସିଦ୍ଧାନ୍ତ ଅନୁଯାୟୀ, ଧାରା 240-J ଅଧୀନରେ ସ୍ୱାକ୍ଷରିତ ଓ ମୋହରମରା ହୋଇଥିବା କ୍ଷତିପୂରଣ ବିବରଣୀ କେବଳ ଜମି-ମାଲିକ ଏବଂ ରାଜ୍ୟ ମଧ୍ୟରେ ହିଁ ଚୂଡ଼ାନ୍ତ ଅଟେ ।

ଉକ୍ତ ପ୍ରକ୍ରିୟାରେ ଅଧିବାସୀ ଜଣକ ପକ୍ଷଭୁକ୍ତ ହୋଇ ନଥିବାରୁ ସେଠାରେ ନଥିଭୁକ୍ତ କରାଯାଇଥିବା କୌଣସି ବି ସିଦ୍ଧାନ୍ତ ଅଧିବାସୀଙ୍କ ଉପରେ ବାଧ୍ୟତାମୂଳକ ହେବ ନାହିଁ । ସେଥିପାଇଁ ଉଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଯେ ଅଧିବାସୀ ଜଣକ ଅଧିନିୟମ ଅନୁଯାୟୀ ମାନ୍ୟତା ପାଇବାକୁ ହକଦାର । ଏହି ନିଷ୍ପତ୍ତି ଅନୁସାରେ, ଯଦିଓ ପ୍ରଥମ ପ୍ରସଙ୍ଗରେ ଅପିଲକାରୀଙ୍କ ପକ୍ଷ ସପକ୍ଷରେ କିଛି ଯୁକ୍ତି ଥାଇପାରେ, କିନ୍ତୁ ଦ୍ୱିତୀୟ ପ୍ରସଙ୍ଗରେ ସେ କୌଣସି ଆଇନଗତ ପ୍ରତିକାର ପାଇପାରିବେ ନାହିଁ ।

ତଦନୁସାରେ ଅପିଲଗୁଡ଼ିକୁ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍. ଅପିଲଗୁଡ଼ିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**